



## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଘଟଣାର ଅଭିଯୁକ୍ତ ଗିରଫ



**କୋରାପୁଟ/ଅନକାଡେଲି,୮।୧୦(ସ୍ୱ.ପ୍ର):** କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଅନକାଡେଲି ଅଞ୍ଚଳରୁ ଏକ ମିନି ଟ୍ରକ ଜରିଆରେ ଗଞ୍ଜେଇ ଚାଲାଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ମାଛକୁଣ୍ଡ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଭକ୍ତରାମ ଚାନଗୁଡ଼ିଆ (୩୨)। ଘର ଲମତାପୁଟ ବ୍ଲକର ଚଣାଗୁଡ଼ିଆ ଗ୍ରାମ ବୋଲି ଜଣାପଡ଼ିଛି। ଏନେଇ ଥାନାରେ ୮୦/୧୮ରେ ଏକ ମାମଲା ରୁଜୁ ହୋଇଛି। ଏଯାଏ ଗାଡ଼ିର ଡ୍ରାଇଭର ଫେରାର ଥିବା ମାଛକୁଣ୍ଡ ଥାନା ଅଧିକାରୀ ସୁଦର୍ଶନ ନାୟକ ସେମାବର ପ୍ରକାଶ କରିଛନ୍ତି।

### ନଦୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ଦଶମନ୍ତପୁର,୮।୧୦(ଡି.ଏନ୍.ଏ)- ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଚଣାବାଡ଼ ଗ୍ରାମପଞ୍ଚାୟତ ଅଧୀନ ଏସ୍ ଦଣ୍ଡାବାଡ଼ ଗ୍ରାମରେ ଜଣେ ଯୁବତୀ(୨୫)ଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତା ଯୁବତୀ ହେଲେ କାପା ଜାନୀ। ସେ ସକାଳେ ନିକଟସ୍ଥ ନଦୀରେ ଗାଧୋଉଥିବାବେଳେ ହଠାତ୍ ମୂର୍ଚ୍ଛାଯାଇ ପାଣିରେ ବୁଡ଼ି ଯାଇଥିଲେ। ଆଉ ପାଣିରୁ ନ ବାହାରି ପାରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

**ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଦିଗପହଣ୍ଡି-ପୋଡ଼ାମାରି ମୁଖ୍ୟ ରାସ୍ତାର ଡେଙ୍ଗାଓସ୍ତା ଗ୍ରାମରେ ବାଇକ ଧକ୍କାରେ ଜଣେ ଯୁକ୍ତ ୨ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମଞ୍ଜୁ ସାମନ୍ତରା। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ମଞ୍ଜୁ ଟ୍ୟୁସନ ଯାଉଥିବାବେଳେ ବିପରୀତ ଦିଗରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ଏକ ବାଇକ (ନଂ. ଓଆର୍‌୦୭୩୫୫୪) ଧକ୍କା ଦେଇଥିଲା। ଫଳରେ ମଞ୍ଜୁ ଗୁରୁତର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାହାଣ ଗୋଡ଼ ଭାଙ୍ଗିଯାଇଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

# ଉଠା ଦୋକାନୀଙ୍କ ସାମଗ୍ରୀ ଜବତ କଲା ପ୍ରଶାସନ

■ ଜିନିଷ ଫେରସ୍ତ ଦାବିରେ ପୌର କାର୍ଯ୍ୟାଳୟ ଆଗରେ ଉତ୍ତେଜନା

ଜୟପୁର,୮।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଖୋଲିବାକୁ ବେଆଇନ ଘୋଷଣା କରାଯାଇଛି। କିନ୍ତୁ ମହାଳୟା ପାଇଁ ପନିପରିବା, ପୂଜା ପାଇଁ ଆବଶ୍ୟକ ଡାଳ ଓ ଅନ୍ୟ ସାମଗ୍ରୀ ଧରି ବୁଲା ବିକାଳି ମୁଖ୍ୟରାସ୍ତା ଉପରେ ବିକ୍ରି କରୁଥିଲେ। ଏହି ଅଭିଯୋଗ ପାଇବା ପରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମଚାରୀମାନେ ସେଠାରେ ପହଞ୍ଚି ବୁଲା ବିକାଳିଙ୍କୁ ଜିନିଷ ବିକ୍ରି କରିବାକୁ ମନା କରିବା ସହ ତାଙ୍କଠାରୁ ସାମଗ୍ରୀ ଜବତ କରିଥିଲେ। ଉକ୍ତ ସାମଗ୍ରୀକୁ ପୌରସଂସ୍ଥା କାର୍ଯ୍ୟାଳୟକୁ ଅଣାଯାଇ ରଖାଯାଇଥିଲା। ଉକ୍ତ ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଫଳରେ କିଛି ସମୟ ପାଇଁ ପୌର କାର୍ଯ୍ୟାଳୟ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ଉତ୍ତେଜନା ଦେଖାଦେଇଥିଲା। ଭାଜପା ନେତା ତଥା ପୂର୍ବତନ କାଉନସିଲର ଅନୁପ ପାତ୍ର ସେଠାରେ ପହଞ୍ଚି ବ୍ୟବସାୟୀଙ୍କ ଜିନିଷ ଫେରାଇ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମେନ ରୋଡରେ ପୁଣି ଥରେ ଉଠା ଦୋକାନ ନ ଖୋଲି ଦୈନିକ ବଜାରରେ ଖୋଲିବାକୁ ତାଗିଦ କରାଯାଇ ବ୍ୟବସାୟୀଙ୍କୁ ସେମାନଙ୍କ ଜିନିଷ ଫେରାଇ ଦିଆଯାଇଛି। ପ୍ରକାଶ ଯେ, ବୁଲା ବିକାଳିମାନଙ୍କ ଯୋଗୁ ମେନ ରୋଡରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଗତ୨୦୧୬ରେ ସେମାନଙ୍କୁ ଦ୍ୱିତୀୟ ଦୈନିକ ବଜାରକୁ ସ୍ଥାନାନ୍ତର କରାଯାଇଛି।



ଉଠା ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରୁଛନ୍ତି।

## ମାଓବାଦୀ -ପୋଲିସ ଗୁଳିବିନିମୟ ଘଟଣା

# କ୍ୟାମ୍ପରୁ ୧ ଗ୍ରେନେଡ, ୧ ଲାଣ୍ଡମାଇନ, ମାଓବାଦୀ ସାମଗ୍ରୀ ଜବତ

କୋରାପୁଟ,୮।୧୦(ସ୍ୱ.ପ୍ର)

ଆନ୍ଧ୍ର ଏବଂ ଓଡ଼ିଶା ସୀମାନ୍ତ ପଟ୍ଟାଙ୍ଗି ଥାନାର ସୁଙ୍କି ଜଙ୍ଗଲରେ ରବିବାର ମଧ୍ୟାହ୍ନରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣା ସମ୍ପର୍କରେ କୋରାପୁଟ ଏସ୍‌ପି କନୱର ବିଶାଳ ସିଂହ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଏକ ଅସ୍ଥାୟୀ କ୍ୟାମ୍ପକୁ ପୋଲିସ ଧ୍ୱଂସ କରିଥିବାବେଳେ ଏଥିରୁ ୫ କେଜି ଓଜନର ଏକ ଲ୍ୟାଣ୍ଡମାଇନ, ଗୋଟିଏ ଗ୍ରେନେଡ, ମାଓବାଦୀଙ୍କ ବିଭିନ୍ନ ପୁସ୍ତକ ସମେତ ବିଭିନ୍ନ ରୋଷେଇ ସାମଗ୍ରୀ ଯଥା ଡ୍ରେସ, ବ୍ୟାଗ୍, ପଲିଥିନ ଜବତ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଗୋଇନ୍ଦା ସୂଚନାକୁ ଆଧାର କରି ରବିବାର ବିଏସଫ ସହିତ ଡିଭିଏଫ, ଏସଓଜି ଯବାନ ମିଳିତ ଭାବେ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସୁଙ୍କି ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରଖିଥିବାବେଳେ ପ୍ରଥମେ ମାଓବାଦୀମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପାଲଟା ଜବାବରେ ପୋଲିସ ପକ୍ଷରୁ ମଧ୍ୟ ଗୁଳି ଚାଳନା କରାଯାଇଥିଲା। ପରେ ତଲାସୀ ଅଭିଯାନ ଜାରି ରହିଥିଲାବେଳେ ସେଠାରେ ଏକ ମାଓବାଦୀଙ୍କ ଅସ୍ଥାୟୀ କ୍ୟାମ୍ପ ଧ୍ୱଂସ କରାଯାଇଥିଲା। କ୍ୟାମ୍ପରେ କିଛି ମାଓବାଦୀଙ୍କ ଟପ୍ କ୍ୟାଡର ନେତା ପଛଘୁଞ୍ଚା ଦେଇ ଖସିଯାଇଥିଲେ। ବର୍ତ୍ତମାନ ମଧ୍ୟ ପୋଲିସ ଓ ବିଏସ୍‌ଏଫ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରେ କୋମ୍ବିଂକୁ ଅଧିକ ଜୋରଦାର୍ କରାଯାଇଥିବା ଏସପି ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୧୭୯ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର

ପଟ୍ଟାଙ୍ଗି,୮।୧୦(ଡି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ମଙ୍ଗଳ ବିଭାଗର ବିଏସ୍‌ଏସଓ ସୌଦାମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମାଧ୍ୟମରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ଯୋଜନା କିପରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ପରିବାର ବର୍ଗଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଚେଷ୍ଟା କରାଯାଉଥିବା କହିଛନ୍ତି। ସମସ୍ତ ସରକାରୀ ଯୋଜନାକୁ ସଫଳ କରିବା ପାଇଁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ସହଯୋଗ କରିବା ଦରକାର ବୋଲି ସେ ପ୍ରକାଶ କରିଛନ୍ତି। ଏଥିରେ ୧୪ ପଞ୍ଚାୟତରୁ ଆସିଥିବା ବିଭିନ୍ନ ବର୍ଗର ୩୨୬ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭୯ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମୁଖ୍ୟ ଅତିଥି ବିଧାୟକ ପାଙ୍ଗିଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ସହ ୧୨୪ ଜଣଙ୍କୁ ବସ୍‌ପାସ ପ୍ରଦାନ କରାଯାଇଛି। ସେହିପରି ୧୭୮ ଜଣଙ୍କୁ ଚିହ୍ନଟ କରି ଭିନ୍ନକ୍ଷମ ନିମନ୍ତେ ପ୍ରମାଣପତ୍ର ପ୍ରସ୍ତୁତି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅନୁମୋଦନ କ୍ରମେ ବ୍ଲକର ସମ୍ପାଇ ପଞ୍ଚାୟତର ସୋମନାଥ ଗୁଣ୍ଡା ଓ ପୁକାଲି ପଞ୍ଚାୟତର ସୁମା ସିସାଙ୍କୁ ୫୦ ହଜାର ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି। ମୋତିଆ ବିନ୍ଦୁ ଚିକିତ୍ସା ପାଇଁ କମୁଲୁ ହନ୍ତାଳ , ଜନି ବୁଟି , କନ୍ୟା ଜୟ , ସିନ୍ଦେରୀ କାତାୟା, କ୍ରିଷ୍ଟା ସେଡାପାଲି ଓ ଲେକୁ ତିଡିଙ୍ଗିଙ୍କୁ ପାଞ୍ଚ ହଜାର ଲେଖାଏଁ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ମୁସୁରି ପରମେଶ , ମୁସୁରି ସିନାୟା ଓ ରାଧା ବାଙ୍କା ପ୍ରମୁଖ ତିନି ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନ' ଗୋଷ୍ଠୀ ସୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁଙ୍କ ସମେତ ସେମିଳିଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରମୁଖ ଅତିଥିଭାବେ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସାମାଜିକ ମଙ୍ଗଳ ବିଭାଗର ଡାଟାଏଣ୍ଟ୍ରି ଅପରେଟର ରାମ କୃଷ୍ଣ ଚୌଧୁରୀ , ସିଆରସିସି ସ୍ୱପ୍ନେଶ୍ୱର ଦାଶ , ଶିକ୍ଷକ ସୁକୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ



ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

### ୭ ବଖରା ଜଳିଗଲା: ୩ ପରିବାର ବାସହରା

ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ ବଖରା ଜଳିଯାଇଛି। ଏଥିରେ ଚିନ୍ନାରି ମଙ୍ଗଳା ପାତ୍ର, ଯୁଧିଷ୍ଠିର ଦୋରା ଏବଂ ଚିନ୍ନାରି. କୁରେଶୁ ପାତ୍ରଙ୍କ ଧାନଚାଉଳ, ଘରକରଣା ଜିନିଷପତ୍ର ଭସ୍ମୀଭୂତ ହୋଇଯାଇଛି। କୌଣସି ଜଣଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଚୁଲିରୁ ନିଆଁ ଲାଗି ଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି।





# ବଧୂହତ୍ୟାଅଭିଯୋଗ: ସ୍ୱାମୀ, ଶ୍ୱଶୁର ଗିରଫ

ଛତ୍ରପୁର, ୮।୧୦(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ବଡମାଧପୁର ଗାଁରେ ଘଟିଥିବା ବଧୂହତ୍ୟା ଅଭିଯୋଗ ମାମଲାରେ ସ୍ୱାମୀ, ଶ୍ୱଶୁରଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ସ୍ୱାମୀ ଅଜୟ ପରିଡା ଓ ଶ୍ୱଶୁର ବିଜୟ ପରିଡା। ୬ ତାରିଖରେ ବୋହୂ ମିନତୀ ପରିଡାଙ୍କ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ ଶ୍ୱଶୁର ଘର ଲୋକେ ପୋଲିସକୁ କହିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା । ମୃତଦେହ ତଳେ ଥିବାରୁ ମିନତୀଙ୍କ ମୃତ୍ୟୁକୁ ନେଇ ପୋଲିସ ସନ୍ଦେହ ପ୍ରକାଶ କରିଥିଲା। ଅନ୍ୟପକ୍ଷରେ ମୃତା ମିନତୀଙ୍କ ଭଉଣୀ ଟିକିନା ଦଳେଇଙ୍କ ପକ୍ଷରୁ ତାଙ୍କ ଭଉଣୀଙ୍କୁ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ମିନତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ସେ ଏତଲାରେ ଦର୍ଶାଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୫୧/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ମିନତୀ ବିବାହ ସମୟରେ ଆଣିଥିବା ସୁନା ଅଳଙ୍କାର ଓ ଆସବାବପତ୍ରକୁ ରବିବାର ପୋଲିସ ଜବତ କରି ତାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ସୂଚନାଯୋଗ୍ୟ, କୋଦଳାର ନବଘନ ଦଳେଇଙ୍କ ଝିଅ ମିନତୀଙ୍କର ୨୦୧୭ ଫେବ୍ରୁୟାରୀ ୧୬ ତାରିଖରେ ବଡମାଧପୁର ଗାଁର ଅଜୟଙ୍କ ସହ ବିବାହ ହୋଇଥିଲା।





CLASSIFIED DISPLAY












## ସଂକ୍ଷେପରେ

### ମହାଳୟା ପାଳିତ

ଗୋବିନ୍ଦପାଲି,୮।୧୦-ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ଅଞ୍ଚଳରେ ସୋମବାର ପବିତ୍ର ମହାଳୟା ତିଥି ପାଳିତ ହୋଇଯାଇଛି। ଏହି ପର୍ବ ପାଳନ ଲାଗି କେତେକ ନୀତିନିୟମ ଅନୁସରଣ କରାଯାଇଥାଏ। ଗୃହର କର୍ତ୍ତା ନିଷ୍ଠାର ସହ ରହି ବାହାରେ ଖାଆନ୍ତି ନାହିଁ। କେଶ, ଦାଢି ଓ ନଖ କାଟନ୍ତି ନାହିଁ। ସକାଳୁ ଘରର ପିଲାମାନେ ଗ୍ରାମର କେତେକ ଘରକୁ ଯାଇ ଭିକ୍ଷାବୃତ୍ତି କରି ଚାଉଳ, ପରିବା ଓ ଶାଗ ଆଣିଥାନ୍ତି। ଏହାକୁ ରୋଷେଇ କରି ପୂଜା କରାଯାଇଥାଏ। ସନ୍ଧ୍ୟାରେ ବଜ୍ର ମହାକାଳୀମାତାଙ୍କୁ ପୂଜା କରାଯାଇ ସାହିପଡିଶାର ପିଲାଙ୍କୁ ଡାକି ଖାଇବାକୁ ଦେଇଥାନ୍ତି। ଖାଇବା ସାରିବା ପରେ ପିଲାଙ୍କୁ ବଜ୍ରନାଡ ଗଛରେ ମାଡ଼ ମରାଯାଏ। ଏପରି କରିବା ଦ୍ୱାରା ବିଶ୍ୱାସ ଅଛି ଯେ, ସେମାନଙ୍କ ଶରୀର ବଜ୍ରଭଳି ଶକ୍ତ ହେବ।

# ଖଟିଆରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁହାହେଲେ ଗର୍ଭବତୀ

ଚିତ୍ରକୋଣ୍ଡା,୮।୧୦

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବଡପଦର ପଞ୍ଚାୟତ ପଲ୍ଲିଗୁଡା-ବଡପଦର ମୁଖ୍ୟ ରାସ୍ତାଠାରୁ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଥିବା ପୋଲ ଭାଙ୍ଗିଯାଇଛି। ଉକ୍ତ ରାସ୍ତାରେ କାମ ଚାଲିଥିବାରୁ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଗାଡିମୋଟର ଓ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏପରି ସ୍ଥଳେ ସୋମବାର ଜଣେ ଗର୍ଭବତୀ ଉକ୍ତ ରାସ୍ତାରେ ଖଟିଆରେ ବୁହା ହୋଇ ଡାକ୍ତରଖାନା ଯାଇଛନ୍ତି।

ଖବରରୁ ଜଣାପଡିଛି ପଲ୍ଲିଗୁଡା ଗ୍ରାମର ଘେନୁ ଖରାଙ୍କ ଗର୍ଭବତୀ ସ୍ତ୍ରୀ ପାର୍ବତୀ ଆସନ୍ନ ପ୍ରସବା ଥିଲେ। ସୋମବାର ତାଙ୍କର ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଚାଲି ଚାଲି ଚିତ୍ରକୋଣ୍ଡା ମେଡିକାଲକୁ ଆଣିବା ସମ୍ଭବ ନ ଥିଲା। ସେହି ସମୟରେ ବଡପଦର ସୁପରଭାଇଜର ହେମଲତା ମହନ୍ତ କ୍ଷେତ୍ର ପରିଦର୍ଶନ କରି ଫେରୁଥିଲେ। ସେ ଖବର ପାଇ ପଲ୍ଲିଗୁଡା ଗ୍ରାମକୁ ଯାଇ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ଆସିବା ପାଇଁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ସହ ଯୋଗାଯୋଗ ସମ୍ଭବ ନ ହେବାରୁ କ୍ଷେତ୍ର ପରିଦର୍ଶନରୁ କାମ ସାରି ଫେରୁଥିବା ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶଶାଙ୍କ ଶେଖର କରଙ୍କୁ ଯୋଗାଯୋଗ କରି ପଲ୍ଲିଗୁଡା ଗ୍ରାମକୁ ଆସିବା ପାଇଁ କହିଥିଲେ। ସଙ୍ଗେସଙ୍ଗେ ଶଶାଙ୍କ ଏବଂ ମା' ଗୃହର ମହିଳା ସ୍ୱାସ୍ଥ୍ୟ ସହାୟିକା ରାଜଶ୍ରୀ ଦଳେଇ ଉଭୟେ ପଲ୍ଲିଗୁଡାରେ ପହଞ୍ଚିଥିଲେ। ପାର୍ବତୀଙ୍କୁ ୩ ଜଣ ଓ ପରିବାର ଲୋକେ ମିଶି ପଲ୍ଲିଗୁଡାରୁ ବଡପଦର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ନେଇଥିଲେ। ମୁଖ୍ୟ ରାସ୍ତାଠାରୁ ଶଶାଙ୍କ ବାଇକ ଯୋଗେ ପାର୍ବତୀଙ୍କୁ ଆଣି ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମା ଗୃହରେ ସୁରକ୍ଷିତ ଭାବେ ପହଞ୍ଚାଇଥିଲେ। ପହଞ୍ଚିବା କ୍ଷଣି ସମ୍ପୃକ୍ତ ମହିଳାଙ୍କୁ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ପରୀକ୍ଷା କରି ଚିକିତ୍ସା ଆରମ୍ଭ କରି ଦେଇଥିଲେ। ଏବେ ପାର୍ବତୀ ଭଲ ଥିବା ମା ଗୃହର ବରିଷ୍ଠ ସହାୟିକା ସୁଜାତା ଚୌଧୁରୀ କହିଛନ୍ତି।

# ଯୁବକଙ୍କ ମୃତଦେହ ଉଦ୍ଧାର

ଧରାକୋଟ,୮।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗ୍ରାମ ଉପକଣ୍ଠ ଏକ ସ୍ଥାନରୁ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଟିଲୁ ଗୌଡ଼ (୨୦)। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଇଥିଲେ। ଟିଲୁଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରକାଶ ଯେ, ପ୍ରତିଦିନ ଭଳି ଟିଲୁ ସୋମବାର ପୂର୍ବାହ୍ନରେ ନିଜ ଘରର ଛେଳିପଲ ଧରି ଗ୍ରାମ ନିକଟ ଗମ୍ଭାରିବନ୍ଧ ସମ୍ମୁଖସ୍ଥ ଜଙ୍ଗଲକୁ ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଟିଲୁଙ୍କ ବାପା ଓ ସାନଭାଇ ତାଙ୍କ ପାଇଁ ଖାଦ୍ୟ ନେଇ ଯାଇଥିଲେ। ସେ ଖାଇ ସାରିବା ପରେ ବାପା ଓ ଭାଇ ଗ୍ରାମକୁ ଆସିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଟିଲୁ ଘରକୁ ଫେରି ନ ଥିଲେ। ଏଥିପାଇଁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ ତାଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଉଥିଲେ। ଗ୍ରାମ ଉପକଣ୍ଠ ଗମ୍ଭାରିବନ୍ଧ ସମ୍ମୁଖରେ ଟିଲୁଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। କୌଣସି ସୂତ୍ରରୁ ଖବରପାଇ ଧରାକୋଟ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ଧରାକୋଟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଥାନା ଅଧିକାରୀ ପୂଜାରୀ କହିଛନ୍ତି ଯେ, ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରାଯାଉଛି। ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଟିଲୁ ଜଣେ ଆଇଟିଆଇ ଛାତ୍ର ଥିଲେ।

# ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ମାଥିଲି, ୮।୧୦ (ଡି.ଏନ.ଏ)



ବୈଠକରେ ଭାଜପା କର୍ମକର୍ତ୍ତାମାନେ ।

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ପଞ୍ଚାୟତରେ ସୋମବାର ଭାଜପା ତରଫରୁ କେନ୍ଦ୍ର ସରକାର ନୂତନ ଭାବେ ପ୍ରଣୟନ କରିଥିବା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଥିଲି ମଣ୍ଡଳ ସଭାପତି ବନମାଳି ବରଜାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଟେମୃପାଲି, ସାଲିମି , ମହୁପଦର, କମାରପାଲି ଆଦି ପଞ୍ଚାୟତର ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ରାଜ୍ୟ ସରକାର ପ୍ରଣୟନ କରିଥିବା ବିଜୁ ସ୍ୱାସ୍ଥ୍ୟ ଯୋଜନା ଏବଂ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂତନ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ରାଜ୍ୟ ସରକାର କରିଥିବା ସ୍ୱାସ୍ଥ୍ୟ ଯୋଜନାରେ ଖାଲି ରାଜ୍ୟରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହିତାଧିକାରୀମାନେ ସାମିଲ ହୋଇପାରିବେ । ମାତ୍ର କେନ୍ଦ୍ରର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନାରେ ଭାରତ ଭିତରେ ଥିବା ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିରୁ ଫାଇଦା ମିଳିପାରିବ । ରାଜ୍ୟର ଥିବା ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ଆବଶ୍ୟକୀୟ କର୍ମଚାରୀ ନଥିବା, ଜରୁରିକାଳୀନ ସେବା ରୋଗୀ ପାଇପାରୁନାହାନ୍ତି । କେନ୍ଦ୍ରର ଏହି ଯୋଜନା କାର୍ଯ୍ୟକାରୀ ହେଲେ ରହିଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା । ତେବେ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୁନାଲ ମିଶ୍ର, ଜଳନ୍ଧର ନାୟକ , ସତ୍ୟ ନାରାୟଣ ରାଓ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ମାଝି, ସଭ୍ୟ କୁଶ ତାତି, ସରପଞ୍ଚ ଶିବ ଦୁରୁଆ, ବିଜୟଲକ୍ଷ୍ମୀ ଭୂମିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ବ୍ଲକର ଭେଜାଗୁଡା, ପାଙ୍ଗାମ, କାଳିଆଗୁଡା ଆଦି ସ୍ଥାନରେ ମଧ ଡାକବାଜି ଯନ୍ତ୍ର ଦ୍ୱାରା ଏନେଇ ସଚେତନ କରାଯାଇଛି ।

# ପାରମ୍ପରିକ ଲାଠି ପୂଜା ସହ ନାଚଗୀତରେ କମ୍ପିଲା ରାମାଗୁଡା

ମାଥିଲି, ୮।୧୦ (ଡି.ଏନ.ଏ)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆରମ୍ଭ ହୋଇଛି ଦଶହରା । ପାରମ୍ପରିକ ଲାଠି ପୂଜାରେ ଦଶହରା ଉତ୍ସବ ପାଳନ କରିଛନ୍ତି ଗ୍ରାମବାସୀ । ସମସ୍ତେ ନାଚଗୀତରେ ମତୁଆଲା ହେବା ସହିତ ଭୋଜିଭାତର ଆସର କରି ସମ୍ପର୍କୀୟ ଅତିଥିଙ୍କୁ ଚର୍ଚ୍ଚା କରୁଛନ୍ତି ଆଦିବାସୀ । ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ ରାମାଗୁଡାଠାରେ ସୋମବାର ରାତିରେ ଧୁମଧାମରେ ଦଶହରା ପାଳିତ ହୋଇଯାଇଛି । ଦଳପତିଗୁଡା ସରପଞ୍ଚ ଡମ୍ବୁ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଧାୟକ ଶିଶା ଗ୍ରାମବାସୀଙ୍କ ସହିତ ମିଶି



ରାମାଗୁଡା ଦଶହରା ଉତ୍ସବରେ ଯୋଗ ଦେଇଥିବା ବିଧାୟକ ଡମ୍ବରୁ ଶିଶାଙ୍କ ସମେତ ଗ୍ରାମବାସୀ ।

## ଦଶହରା ପୂଜା

ଲାଠିଦେବୀଙ୍କୁ ପୂଜା କରି ଗାଁର ସୁଖ ସମୃଦ୍ଧି କାମନା କରିଥିଲେ । ପରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଧାୟକ ଶିଶାଙ୍କ ସମେତ ଆଖପାଖ ଗାଁର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନରସିଂହ କଂସାରୀ, ଏସ. ମୁରଲି, ରାମକୃଷ୍ଣ ଅନୁଗୁଳିଆ, ଲିଙ୍ଗରାଜ ପୂଜାରୀ, ରଶ୍ମିରଞ୍ଜନ ପଟ୍ଟନାୟକ, ଗ୍ରାମର ଜୟସିଂହ ପୂଜାରୀ, ମୁକୁନ୍ଦ ପୂଜାରୀ, ଶିବ ପୂଜାରୀ, ବଳରାମ ନାୟକ, ଧନ ଭୂମିଆ, ନରସିଂହ ବୁରି, ମୁନା ତ୍ରିପାଠୀ, ସନ୍ୟା ଭୂମିଆ, କୁଳ ପୂଜାରୀ, ଲଚ୍ଛମା ଏଲବେଗୀ, ସଦା ପୂଜାରୀ, ଧ୍ରୁବଚରଣ ମାଦ୍ରୀ, ସଦା ଖରା, ରାମ ପୂଜାରୀ, ଧ୍ରୁବ ଏଲବେଗୀ ପ୍ରମୁଖ ଉପସ୍ଥିତ ଥିଲେ ।





ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ହାଟପଦା ଯାଏଁ ବସ ଚଳାଚଳ ଦାବି

ଟିକିରି,୮।୧୦(ଡ଼ି.ଏନ.ଏ):ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଚଳାଚଳ କରୁଥିବା ଅଧିକାଂଶ ଯାତ୍ରୀବାହି ଗାଡ଼ି ଟିକିରି ସହର ଭିତରକୁ ଯାଉନାହିଁ । ସମସ୍ତ ଗାଡ଼ି ଅଧାବାଟରୁ ଫେରି ଯାଉଛି । ରାୟଗଡ଼ାରୁ ବ୍ଲକର ସୁଙ୍ଗେର,ଚନ୍ଦ୍ରଗିରି,ଅଡ଼ାଯୋର ଓ ରାମପୁର ଅଞ୍ଚଳକୁ ଯାତାୟତ କରୁଥିବା ବସଗୁଡ଼ିକ ଟାଉନ ଭିତରକୁ ନ ଆସି ହାଇସ୍କୁଲ ନିକଟରୁ ଫେରି ଯାଉଛି । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଟିକିରି ଥାନା ପର୍ଯ୍ୟନ୍ତ ବସ ଚଳାଚଳ କରୁଥିଲା । ଏନେଇ ଆମ ପୋଲିସ ବୈଠକରେ ଅଭିଯୋଗ ମଧ୍ୟ ହୋଇଥିଲା। ହାଟପଦା ପର୍ଯ୍ୟନ୍ତ ବସ ଚଳାଚଳ କରିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା । ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ ଯାତ୍ରୀଙ୍କ ସୁବିଧାକୁ ଆଖି ଆଗରେ ରଖି ତୁରନ୍ତ ହାଟପଦା ପର୍ଯ୍ୟନ୍ତ ବସ ଯିବାକୁ ସାଧାରଣରେ ଦାବି କରାଯାଇଛି ।

### ଛତୁ ଚାଷ ସମ୍ପର୍କିତ କର୍ମଶାଳା



ଗୁଣପୁର,୮।୧୦(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର ଜିଆଇଇଟି ଅଟୋନମସ କଲେଜରେ ଛତୁ ଚାଷ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜୈବ ପ୍ରଯୁକ୍ତି ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ଭୁବନେଶ୍ୱର ଓୟୁଏଟିର ପ୍ରାକ୍ତନ ପ୍ରଫେସର ତଥା ଜିଆଇବିଏସ କୃଷି ବିଭାଗର ଡିନ ଡ.କୈଳାସ ବିହାରୀ ମହାପାତ୍ର ଯୋଗଦେଇ ଓଡିଶାରେ ଛତୁ ଚାଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଚାଷ ଦ୍ୱାରା ଚାଷୀ କିପରି ଲାଭବାନ ହୋଇପାରିବେ ସେନେଇ ମତବ୍ୟକ୍ତ କରିଥିଲେ । ପ୍ରିନ୍ସପାଲ ଡ. କେ. ସେନ୍ଥିଲ କୁମାର ଏହି କର୍ମଶାଳାର ଆବଶ୍ୟକତା ଉପରେ କହିଥିଲେ । ପିଜି ବିଭାଗ ମୁଖ୍ୟ ଡ.ତାରିଣୀ ଚରଣ ବେହେରା ମଞ୍ଚାସୀନ ରହିବାସହ ଜୈବ ପ୍ରଯୁକ୍ତି ବିଭାଗ ମୁଖ୍ୟ ଡ. ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଅଧାପକ ଦିକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ସମସ୍ତ ଅଧାପିକା ଅଧାପକ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୦ ଗିରଫ

୨୬ ହଜାର ଟଙ୍କା, ୭ ମୋବାଇଲ୍ ଜବତ



ରାୟଗଡା ଅଫିସ୍, ୮।୧୦: ଆସିଯାଇଛି ପାର୍ବଣ ଋତୁ । ଏହା ସାଙ୍ଗକୁ ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଜମିଛି ଜୁଆଖେଳର ଆସର । ପାର୍ବଣ ଋତୁରେ ଅଧିକାଂଶ ସ୍ଥାନରେ ଜୁଆଖେଳ ସର୍ବଦା ହୋଇଥାଏ। ମାରୁତି କଲୋନୀ ଛକ ନିକଟ ରାସ୍ତା କଡ଼ରେ ଚାଲିଥିବା ଜୁଆ ଆଡ୍ଡା ଉପରେ ରବିବାର ରାତିରେ ପୋଲିସ ଚଢାଉ କରିଥିଲା । ସେଠାରୁ ୧୦ ଜୁଆଡିଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରାମପ୍ରସାଦ ପାଲକା, ସିଦ୍ଧାର୍ଥ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, କୁନୁ ଗନ୍ତାୟତ, ଅନନ୍ତ ସଗରିଆ, ମଧୁ ପାଲକା, ନିରଞ୍ଜନ ବିଡିକା, ଦୁର୍ଯ୍ୟୋଧନ ଖୋସଲା, ଅକ୍ଷୟ ସାହୁ ଓ ସନ୍ତୋଷ ବେନିଆ । ସେମାନଙ୍କ ନିକଟରୁ ୨୬ହଜାର ୮୯୦ ଟଙ୍କା ଏବଂ ୭ ମୋବାଇଲ ଫୋନ୍ ଜବତ କରିଛି । ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ପୋଲିସର ୩ଟି ଟିମ୍ ଏହି ଚଢ଼ାଉ କରିଥିଲେ । ଏନେଇ ପୋଲିସ ଏକ ମାମଲା ( ନମ୍ବର ୧୯୯/୧୮) ରୁଜୁ କରିଛି । ଏପରି ଜୁଆ ଆଡ୍ଡା ଉପରେ ଚଢ଼ାଉ ଓ ଧରପଗଡ କଡାକଡି ଭାବେ ଜାରି ରହିବ ବୋଲି ଏସ୍‌ଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି ।

# ବୁଦୁରାୱାଲସା ଅଞ୍ଚଳ ପାଲଟିଲା ରଣକ୍ଷେତ୍ର

## ୬ ଗିରଫ, ୬ ଆହତ

**ଗଣେଶ ମୂର୍ତ୍ତି ବିସର୍ଜନ ପରେ**
- ପୂର୍ବ ଶତ୍ରୁତାକୁ ନେଇ ହୋଇଛି ଗୋଷ୍ଠୀ ସଂଘର୍ଷ
- ବୁଦୁରାୱାଲସାର ପୂଜା ମଣ୍ଡପ ଉପରକୁ ପଥରମାଡ଼
- ଜଣଙ୍କର ଅବସ୍ଥା ସଂକଟାପନ୍ନ



ଗିରଫ ହୋଇଥିବା ୬ ଅଭିଯୁକ୍ତ ।







ଆହତମାନେ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ରାୟଗଡା ଅଫିସ୍, ୮।୧୦

ପୂର୍ବ ଶତ୍ରୁତାରୁ ଘଟିଛି ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ । ସହରର ନେହେରୁ ନଗର ଓ ବୁଦୁରାୱାଲସାର ଯୁବଗୋଷ୍ଠୀ ମଧ୍ୟରେ ଏହି ସଂଘର୍ଷ ଘଟିଛି। ପରେ ବୁଦୁରାୱାଲସା ପାଲଟିଥିଲା ରଣକ୍ଷେତ୍ର । ଏଥିରେ ୬ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ଜେ.ବାବଜି, ସେଖ୍ ସରିଫ୍, ଜେ.କିରଣ କୁମାର, ସେଖ୍ ବାସିର, ପି.ଅଜୟ, ସେଖ୍ ମୌଲାଦି । ଏମାନଙ୍କ ମଧ୍ୟରୁ ସରିଫ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭି.ଶ୍ୟାମ କୁମାର, ଜେ.ଜି ଗୋପୀ, ଏଲ୍.ଭେଙ୍କେଟେଶ, ଜି.ସନ୍ତୋଷ, ଏଲ୍.ଗୌରୀ ଏବଂ ଜି.ନାଗରାଜୁ। ପୋଲିସ ଏକ ମାମଲା (ନମ୍ବର ୨୦୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଇଆଇସି କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

ନେହେରୁ ନଗରରେ ୨୧ ଦିନ ଧରି ପୂଜା ପାଉଥିବା ଗଣେଶ ମୂର୍ତ୍ତିକୁ ଗତ ଶନିବାର ବିସର୍ଜନ କରାଯାଇଥିଲା । ଏହି ଭସାଣି ଶୋଭାଯାତ୍ରା ବୁଦୁରାୱାଲସା ଦେଇ ଯାଇଥିଲା । ବୁଦୁରାୱାଲସାର ପୂଜା ମଣ୍ଡପରେ ଥିବା ଆଲୋକମାଳାକୁ ବିସର୍ଜନରେ ଯାଉଥିବା ଯୁବକମାନେ ଛିଣ୍ଡାଇବା ସହ ଠାକୁରଙ୍କ ଉପରକୁ ପଥରମାଡ କରିଥିଲେ । ସେହି ସମୟରେ ପୂଜା ମଣ୍ଡପରେ କିଛି ଛୋଟ ପିଲା ଥିବାବେଳେ ତାଙ୍କୁ ମଧ ଗାଳି ଗୁଳଜ କରିଥିଲେ । ଏହାପରେ ଏହି କାଣ୍ଡ ଭିଆଇଥିବା ନେହେରୁ ନଗରର ପିଲାଙ୍କୁ ବୁଦୁରାୱାଲସାର କେତେକ ଯୁବକ ରବିବାର ଖୋଜିଥିଲେ । ହେଲେ କେହି ମିଳି ନ ଥିଲେ । ସନ୍ଧ୍ୟାରେ ବୁଦୁରାୱାଲସାର ଗଣେଶ ମୂର୍ତ୍ତି ବିସର୍ଜନ କରାଯାଇଥିଲା । ବିସର୍ଜନ ସାରି ସେଠାକାର ଯୁବକମାନେ ଆସି ପୂଜା ମଣ୍ଡପରେ ରାତ୍ରିଭୋଜନ କରୁଥିଲେ । ଏହି ସମୟରେ ପୂର୍ବରୁ ଯୋଜନାବଦ୍ଧ ଭାବେ ରହିଥିବା ନେହେରୁ ନଗରର ପ୍ରାୟ ୨୫ରୁ ୩୦ ଯୁବକ ଠେଙ୍ଗା, ବାଡି ଓ ଲୁହାଛଡ ଧରି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ଓ ସଂଘର୍ଷ ଘଟିଥିଲା । ରାତି ପ୍ରାୟ ୧୨ଟାରେ ସମଗ୍ର ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ଖବରପାଇ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଘଉଡାଇବା ସହ ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ପରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଏଥିସହ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଏହି ସଂଘର୍ଷ ପଛରେ ପୂର୍ବ ଶତ୍ରୁତା ମୂଳକାରଣ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ସୂଚନାଯୋଗ୍ୟ ଯେ, ୩ ବର୍ଷ ପୂର୍ବେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା । ଫଳରେ ଏକ ଜଘନ୍ୟ ହତ୍ୟାକାଣ୍ଡ ମଧ ହୋଇଥିଲା। ଉକ୍ତ କାଣ୍ଡରୁ ବର୍ତ୍ତମାନ ଏହା କୁହୁଳି ପୁଣିଥରେ ଗୋଷ୍ଠୀ ସଂଘର୍ଷର ରୂପ ଧାରଣ କରିଥିବା ଜଣାଯାଇଛି ।

# ପ୍ରଫେସର ଭଗବତ ରଥଙ୍କୁ ସୁରେନ୍ଦ୍ର ସାରସ୍ୱତ ସମ୍ମାନ ପ୍ରଦାନ



ପ୍ରଫେସର ଭଗବତ ରଥଙ୍କୁ ସମ୍ମାନିତ କରାଯାଉଛି ।

ରାୟଗଡା ଅଫିସ୍, ୮।୧୦

କଥା ସମ୍ରାଟ୍ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ଏବଂ ରାଜ୍ୟ ଜନଶିକ୍ଷା ଓ ନିରନ୍ତର ଶିକ୍ଷା ସାଧନକେନ୍ଦ୍ର ଅଗ୍ରଗାମୀ ରାୟଗଡାଙ୍କ ମିଳିତ କାର୍ଯ୍ୟକ୍ରମରେ ପ୍ରଫେସର ଭଗବତ ପ୍ରସାଦ ରଥଙ୍କୁ ସୁରେନ୍ଦ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ଉତ୍ସର୍ଗୀତ ଜୀବନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ରଥଙ୍କ ବାସଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ମେମୋରିଆଲ ଟ୍ରଷ୍ଟର ପରିଚାଳିକା ପ୍ରଫେସର ଲୋପାମୁଦ୍ରା ମହାନ୍ତି ପ୍ରଫେସର ରଥଙ୍କୁ ଜଣେ କୃତବିଦ୍ୟ ମଣିଷଭାବେ ଆଲୋଚନା କରିଥିଲେ । ରାୟଗଡା ମ୍ୟୁନିସିପାଲିଟି ଉପାଧକ୍ଷ ଡା. ନିରଞ୍ଜନ ବହ୍ନିପାତ୍ର ଅଙ୍ଗବସ୍ତ୍ର ଏବଂ ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ ମାନପତ୍ର ପ୍ରଦାନ କରିଥିଲେ । ଅଧାପିକା ଡା. ବାସନ୍ତୀ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ନିଜର କୃତଜ୍ଞତା ଅର୍ପଣ କରିଥିଲେ । ରାୟଗଡା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ଡା. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରଫେସର ରଥ ଜଣେ ଗଭୀର ଜ୍ଞାନ ଦୃଷ୍ଟି ସମ୍ପନ୍ନ ତ୍ୟାଗୀ ଅଧାପକ ରୂପେ ଚିତ୍ରଣ କରିଥିଲେ । ଡା. ଲୋପାମୁଦ୍ରା ମହାନ୍ତି ସହରାଞ୍ଚଳରେ ଯୁଗଜନ୍ମା ସାହିତ୍ୟିକ ମାନଙ୍କ ଉତ୍ସବ ପାଳନ କରା ନ ଯାଇ ଗ୍ରାମାଞ୍ଚଳଗୁଡିକରେ ସେଗୁଡିକର ଆୟୋଜନ କରାଗଲେ ଏହାର ଗଭୀର ପ୍ରଭାବ ଜନମାନସରେ ପଡିବ ବୋଲି ମତ ଦେଇଥିଲେ । ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ରବି ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଏହି ସଭାରେ ଗାଳ୍ପିକ ତଥା କବି ଆଶୁତୋଷ ପାତ୍ର, ଡମ୍ବରୁଧର ପଟ୍ଟନାୟକ, ଡା. ଗୌରାଙ୍ଗଚରଣ ରାଉତ, ଯୋଗେଶ୍ୱର ଦାସ, ଜୟରାମ ଜେନା, ସବ୍ୟସାଚୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଡାକ୍ତର ସଂଘ ପକ୍ଷରୁ ଧାରଣା



ଡ଼ାକ୍ତରମାନେ ଧାରଣାରେ ବସିଛନ୍ତି ।

ରାୟଗଡା ଅଫିସ୍, ୮।୧୦

ଓଡ଼ିଶା ମେଡିକାଲ୍ ସର୍ଭିସ ଆସୋସିଏଶନ୍‌ର ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ତାରିଖରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡାକ୍ତରମାନଙ୍କ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିଛି । ୭ଦଫା ଦାବିନେଇ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ଜିଲାରେ କାର୍ଯ୍ୟରତ ଡାକ୍ତରମାନେ ୧ ଘଣ୍ଟା ଧରି ଧାରଣାରେ ବସିଥିଲେ । ରାୟଗଡା ଜିଲା ଡାକ୍ତର ସଂଘ ସଭାପତି ଡା. ପବନ କୁମାର ସାହୁକାର, ସମ୍ପାଦକ ଡା. ଏମ୍.ଏ ମଜିଦ, ସାଉଥ୍ ଜୋନ୍ ସାଧାରଣ ସମ୍ପାଦକ ଡା. ପି.କେ ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା । ଓଏମ୍ ଏଣ୍ଡ ଏଚ୍ଏସ୍ କ୍ୟାଡର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରି ଡାକ୍ତରଙ୍କୁ ନିର୍ଭୟରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି, ୨୦୧୮ ଓଏମ୍ ଏଣ୍ଡ ଏଚ୍ଏସ୍ କ୍ୟାଡର ରୁଲ୍ ପ୍ରତ୍ୟାହାର, ଓମ୍‌ସା ସହ ଆଲୋଚନା ଓ ସଂଶୋଧନ ପରେ ପ୍ରଚଳନ, ଓଏମ୍ ଏଣ୍ଡ ଏଚ୍ଏସ୍ ଡାକ୍ତର ଓ ଡେଣ୍ଟାଲ ସର୍ଜନଙ୍କ ପାଇଁ କ୍ୟାଡର ପୁନର୍ଗଠନ, ଅବସର ବୟସ ସୀମା ୬୨ବର୍ଷରୁ ବୃଦ୍ଧିକୁ ବିରୋଧ, କାର୍ଯ୍ୟ ସମୟ ନିର୍ଘଣ୍ଟ, ଜବ୍‌ଚାର୍ଟ ପ୍ରଚଳନ ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟିଦିନ ଉପଭୋଗର ସୁବିଧା, ପାରଦର୍ଶୀ ବଦଳି ନୀତି ପ୍ରଚଳନ ଆଦି ଦାବି କରିଛନ୍ତି । ଏହି ଧାରଣାରେ ଏଡିଏମ୍‌ଓ ମେଡିକାଲ୍ ଡା. ଶକ୍ତିବ୍ରତ ମହାନ୍ତି, ଡା. ସୁରେଶ ସାମନ୍ତ, ଡା. ପ୍ରିୟଙ୍କା ସେନାପତି, ମୀନାକ୍ଷୀ ମହାନ୍ତି, ପ୍ରଫୁଲ୍ଲ ପାଢ଼ୀ, ସନ୍ଦୀପ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁଙ୍କ ସମେତ ସମସ୍ତ ଡାକ୍ତର ସାମିଲ ହୋଇଥିଲେ । ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଦିନକୁ ୧ ଘଣ୍ଟା ଧାରଣା ଦିଆଯିବ ବୋଲି ରାୟଗଡା ଜିଲା ଡାକ୍ତର ସଂଘ ପକ୍ଷରୁ ଜଣାଯାଇଛି । ଦାବିପୂରଣ ନ ହେଲେ ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ନଭେମ୍ବର ୫ତାରିଖରୁ କାର୍ଯ୍ୟଛାଡ ଆନ୍ଦୋଳନ ଆରମ୍ଭ ହେବ ବୋଲି କୁହାଯାଇଛି ।

# ଘର ଘର ବୁଲି ଭିକ୍ଷା ମାଗିଲେ ପିଲା

ମୁନିଗୁଡ଼ା,୮।୧୦(ଡି.ଏନ.ଏ.):

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ମହାଳୟା ଅମାବାସ୍ୟା ପର୍ବ ସୋମବାର ପାଳିତ ହୋଇଯାଇଛି । ଏଥିରେ ହିନ୍ଦୁମାନଙ୍କ ଦ୍ୱାରା ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ଏହି ଦିନରେ ଛୋଟ ପିଲାମାନେ ଘରଘର ବୁଲି ଭିକ୍ଷା ମାଗନ୍ତି। ଭିକ୍ଷାରେ ଯାହା ମିଳେ ତାହାକୁ ରୋଷେଇ କରି ପୂଜାର୍ଚ୍ଚନା କରି ଖାଇଥାନ୍ତି । ଏହା ସହ ମହିଳାମାନେ ଦିନ ତମାମ ଉପବାସ କରିଥାନ୍ତି। ସନ୍ଧ୍ୟାରେ ପୂଜା ସରିବା ପରେ ଉପବାସ ଭାଙ୍ଗିଥାନ୍ତି। ଏହି ପୂଜା ଦ୍ୱାରା ପିତୃପୁରୁଷଙ୍କୁ ଆଶୀର୍ବାଦ ମିଳିଥାଏ। ଫଳରେ ପରିବାରରେ ଶାନ୍ତି ଫେରିଆସେ ବୋଲି ଲୋକଙ୍କ ବିଶ୍ୱାସ ରହିଛି ।



ପିଲାମାନେ ଭିକ୍ଷା ମାଗୁଛନ୍ତି ।

# ନିଶାମୁକ୍ତ ସମାଜ ଗଠନ ନେଇ ପ୍ରୟାସ



ପଦ୍ମପୁରରେ ଲୋକଙ୍କୁ ସଚେତନ କରାଯାଉଛି ।

ପଦ୍ମପୁର,୮।୧୦(ଡି.ଏନ୍.ଏ.)

ବର୍ତ୍ତମାନ ସମାଜରେ ନିଶା ମଣିଷକୁ ଏଭଳି କବଳିତ କଲାଣି ଯାହାର ପ୍ରଭାବରେ ଏକ ସୁନ୍ଦର ପରିବାର ସମ୍ପୂର୍ଣ୍ଣ ଉଜୁଡି ଯାଉଛି । ଏମିତି କି ନିଶାର ପ୍ରଭାବରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଉଛି । ତେବେ ଏଭଳି ନିଶା କବଳିତ ସମାଜକୁ ନିଶାମୁକ୍ତ ସମାଜ ଗଠନ କରାଇବାକୁ ପ୍ରୟାସ ଜାରି ରଖିଛନ୍ତି ପଦ୍ମପୁର ଅଞ୍ଚଳର ଯୁବକ ବଳରାମ ପଣ୍ଡା । ପଦ୍ମପୁର ଅଞ୍ଚଳର ଏକ ଗରିବ ପରିବାରରେ ଜନ୍ମ ହୋଇଥିବା ବଳରାମ ଆଦିବାସୀ, ଅଧ୍ୟୁଷିତ ଅଞ୍ଚଳଗୁଡିକରେ ନିଶା ଦ୍ୱାରା ପରିବାର କିଭଳି ନଷ୍ଟଭ୍ରଷ୍ଟ ହୋଇପଡୁଛି ସେନେଇ ସଚେତନତା ଆରମ୍ଭ କରିଛନ୍ତି । ୬ ବର୍ଷ ହେଲାଣି ନିଶାମୁକ୍ତ ସମାଜ ଗଠନ ପାଇଁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି । ମୁନିଗୁଡାର ୪ ପଞ୍ଚାୟତରେ ସରକାରୀ ତଥା ବେସରକାରୀ ମଦ ବ୍ୟବସାୟ ବନ୍ଦ କରାଇବାରେ ସଫଳ ହୋଇଛନ୍ତି। ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀରେ କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଓ ଗୁଡାରୀ ବ୍ଲକର କଦମା ପଞ୍ଚାୟତରେ ଜନ ପ୍ରତିନିଧି, ପୋଲିସ, ଅବକାରୀ ବିଭାଗ ଓ ସାଧାରଣ ଜନତାଙ୍କୁ ନେଇ ଗ୍ରାମସଭା କରି ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରଶାସନର ସହଯୋଗ କାମନା କରିଥିଲେ । ସେହିପରି ଏକ ସପ୍ତାହ ତଳେ ପଦ୍ମପୁରଠାରେ ସ୍ଥାନୀୟ ଯୁବକ ଓ ସରପଞ୍ଚଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ଗୁଡାରୀ ଓ ପଦ୍ମପୁର ବ୍ଲକର ୯ଟି ପଞ୍ଚାୟତର ସରପଞ୍ଚ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ କ୍ରାସ୍କା, ରାଜ ମିସ୍ତ୍ରି ସଂଘ ସଭାପତି, ସମ୍ପାଦକଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇ ମଦମୁକ୍ତ ସମାଜ ଗଠନ ସହ ଆଦିବାସୀ ଓ ଗରିବ ଲୋକଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ



ଗ୍ରାମବାସୀ ରାସ୍ତାରୋକୋ କରୁଛନ୍ତି ।

ଚନ୍ଦ୍ରପୁର, ୮।୧୦(ଡ଼ି.ଏନ.ଏ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ମୁନାରଗାଁ ନିକଟରେ ସୋମବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଚନ୍ଦ୍ରପୁର ଗ୍ରାମର ମାନସ ଦୋରା (୨୨) । ତାଙ୍କ ପରିବାରର କୌଣସି ସଦସ୍ୟଙ୍କୁ ସ୍ଥାୟୀ ଚାକିରି ଦେବା ଦାବିରେ ଗ୍ରାମବାସୀ ବସଷ୍ଟାଣ୍ଡ ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେ ଅସ୍ଥାୟୀ ଭାବେ ବିଦ୍ୟୁତ ବିଭାଗରେ କାମ କରନ୍ତି । ଦୁଇଦିନ ଧରି ଚନ୍ଦ୍ରପୁର ସଦର ମହକୁମାରେ ବିଦ୍ୟୁତ ନ ଥିଲେ ମଧ କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା । ସୋମବାର ମଧ ବିଦ୍ୟୁତ ସେବାରେ ବିଭ୍ରାଟ ଥିବା ଯୋଗୁ ଅଞ୍ଚଳବାସୀ ମୁନିଗୁଡା ବିଦ୍ୟୁତ କାର୍ଯ୍ୟାଳୟକୁ ଫୋନ କରି ଜଣାଇଥିଲେ । ପରେ ମୁନିଗୁଡା ତରଫରୁ ବିଦ୍ୟୁତ ସେବା ସଂପୂର୍ଣ୍ଣ କଟାଯାଇଥିବା ଖବର ମିଳିବା ପରେ ମାନସ ଖୁଣ୍ଟରେ ଚଢି କାମ କରିଥିଲେ । ଏହି ସମୟରେ ହଠାତ୍ ବିଦ୍ୟୁତ ଆସିଯିବାରୁ ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସାଲୁକ ଚରଣ ପୃଷ୍ଟି ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ

# ବନ୍ୟ ପ୍ରାଣୀଙ୍କ ସୁରକ୍ଷା ନେଇ ଆଲୋଚନା

ରାୟଗଡା ଅଫିସ୍, ୮।୧୦

ରାୟଗଡା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ୬୪ତମ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ରବିବାର ଜିଲାସ୍ତରୀୟ ଆଲୋଚନାଚକ୍ର ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବନାଞ୍ଚଳରୁ ବନ ସଂରକ୍ଷଣ ସମିତି ସଦସ୍ୟ, ଛାତ୍ରୀଛାତ୍ର, ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ବାତ୍ରା ମଞ୍ଚ ସଂଯୋଜନା କରିଥିଲେ । ବରିଷ୍ଠ ସହକାରୀ ବନ ସଂରକ୍ଷକ ଅଲେଖ କୁମାର ସାମଲ, ବନ ସଂରକ୍ଷଣ ସମିତିର ଲଳିତା ମାଝି, ଅର୍ଜୁନ କାଶୀ, ଜଳନ୍ଧର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଛାତ୍ର ଦୀପକ ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ଜେନା, ବିଭାଗୀୟ ଅଧିକାରୀ ନରେଶ ପଟ୍ଟନାୟକ, ଗଙ୍ଗାଧର ମିଶ୍ର ପ୍ରମୁଖ ଯୋଗ ଦେଇ ବନ୍ୟପ୍ରାଣୀ ଏବଂ ଜଙ୍ଗଲର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ଯୋଗ ଦେଇ ଜନଜାତିଙ୍କ ବିକାଶର ମୁଖ୍ୟ ଉତ୍ସ ଜଙ୍ଗଲ ସମ୍ପଦର ସୁରକ୍ଷା ପ୍ରତି ଗ୍ରାମ ଗୋଷ୍ଠୀ, ସ୍ଥାନୀୟ ପ୍ରଶାସନ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ଜଙ୍ଗଲ ସମ୍ପଦ ଓ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ବିନା ଗ୍ରାମାଞ୍ଚଳର ସନ୍ତୁଳିତ ବିକାଶ ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହେମନ୍ତ କୁମାର ଦାସଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବନଖଣ୍ଡ ଅଧିକାରୀ ବେହେରା ଏ ଦିଗରେ ଜନସଚେତନତା ଏବଂ ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ସହକାରୀ ବନ ସଂରକ୍ଷକ ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ

ଡାବୁଗାଁ, ୮।୧୦ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହଳଦୀଗୁଡା ଗ୍ରାମରେ ନାବାଳିକାଙ୍କୁ ଅପହରଣ ନେଇ ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ନବରଙ୍ଗପୁର ଜିଲା ହଳଦୀଗୁଡା ଗ୍ରାମର ଜଣେ ନାବାଳିକା ସେପ୍ଟେମ୍ବର ୧୯ ତାରିଖ ସନ୍ଧ୍ୟାରେ ନିଜ ଘରୁ ବାହାରକୁ ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ । ଏନେଇ ପରିବାର ଲୋକେ ନିଜ ବନ୍ଧୁବାନ୍ଧବଙ୍କ ଘରେ ଯାଇ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ନାବାଳିକାଙ୍କୁ ଏକମ୍ଧା ଗ୍ରାମର ଗୁପ୍ତ ଭତରା (୨୦) ଅପହରଣ କରି ନେଇ ଯାଇଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ଏନେଇ ନାବାଳିକାଙ୍କ ବାପା ରବିବାର ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ଥାନାରେ ନଂ ୧୩୭/୧୮ ରେ ଏକ ମାମଲା ରୁଜୁ କରାଯାଇଛି ।

### କୃଷକ ସଙ୍ଗଠନ ଗଠିତ

ତେନ୍ତୁଳିଖୁଣ୍ଟି,୮।୧୦(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଉଦୟପୁର, ଗୌଡଗୁଡା ଆଦି ୪ଟି ଗ୍ରାମର ଶତାଧିକ କୃଷକ ମିଶି ଏକ କୃଷକ ସଙ୍ଗଠନ ଗଢିଛନ୍ତି। ସଙ୍ଗଠନ ସଭାପତି ଭାବେ ରମେଶ ସିଂ, କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ମାଜି, ସମ୍ପାଦକ ଦୀଲିପ ମୁନା, ଉପଦେଷ୍ଟା ଧନୁର୍ଜୟ ପରିଛା, ଜଗବନ୍ଧୁ ପାତ୍ର, ମୃତ୍ୟୁଞ୍ଜୟ ସିଂ, ଉପସଭାପତି ଧନୁ ମୁଦୁଲି, ସନ୍ତୋଷ ପାତ୍ର ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ କମିଟିରେ ସତ୍ୟ ନାରାୟଣ ମାଝି, ବେଣୁଧର ସିଂ, ଡମ୍ବୁରୁଧର ଦାଶ, ହେମନ୍ତି ପାତ୍ର, ସୋମାନଥ ମୁଦୁଲି, ଟଙ୍କଧର ଗୌଡ, ଦୈତାରୀ ମୁଦୁଲି, ନବୀନ ସୁନା, ଜଗୁନୁ ମୁଦୁଲି ପ୍ରମୁଖ ମନୋନୀତ ହୋଇଛନ୍ତି।

### ଗାଁ ସାଥୀଙ୍କ ବ୍ଲକସ୍ତରୀୟ କମିଟି ଗଠିତ

ନବରଙ୍ଗପୁର,୮।୧୦(ବି.ପ୍ର.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ହାଟପଦାଠାରେ ଗାଁ ସାଥୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ କୈଳାଶ ଚନ୍ଦ୍ର ଭତ୍ରା ଅଧକ୍ଷତା କରିଥିଲେ । ସଙ୍ଗଠକ ନିଳାମ୍ବର ଦିଶାରୀ ଓ ହରିହର ଜାନୀ ମାର୍ଗ ଦର୍ଶନ କରିଥିଲେ । ସମ୍ମିଳନୀରେ ସଙ୍ଗଠନର ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା । ମାସିକ ପ୍ରୋତ୍ସାହନ ୬ ହଜାର ଟଙ୍କାରୁ ଉର୍ଦ୍ଧ୍ୱ, ଗାଁ ସାଥି (ମେଟ୍ )ମାନଙ୍କୁ ୧୫୫ରୁ ଉର୍ଦ୍ଧ କାର୍ଯ୍ୟରେ ଲଗାଯାଉଛି । ଖାଲିପଡିଥିବା ସ୍ଥାନରେ ବିଜ୍ଞାପନ କରାଯାଇ ଗାଁ ସାଥି ନିଯୁକ୍ତି , ବର୍ଷକୁ ଅତିକମରେ ଶହେ ଦିନର କାର୍ଯ୍ୟ ଯୋଗାଣ, ୨୦୦୮ରେ ନିଯୁକ୍ତି କରାଯାଇ କାର୍ଯ୍ୟଚ୍ୟୁତ କରାଯାଇଥିବା ଗାଁ ସାଥିଙ୍କୁ ତୁରନ୍ତ ନିୟୋଜନ କରାଯାଉ ଆଦି ଦାବୀ ରଖିଥିଲେ । ପରେ ନନ୍ଦାହାଣ୍ଡି ବ୍ଲକ କମିଟି ଗଠନ ହୋଇଥିଲା । ଗୋପାଳକୃଷ୍ଣ ଜାନୀ ସଭାପତି ଭାବେ ମନୋନୀତ ହୋଇଥିଲେ । ଉପସଭାପତି କୁନ୍ଦମଣି ଜାନୀ, ସମ୍ପାଦକ ଗଙ୍ଗଧର ଜାନୀ, କୋଷାଧକ୍ଷ ନାରାୟଣ ଅମନାତ୍ୟ, ଉପ କୋଷାଧକ୍ଷ ଅର୍ଜିଲା ମୁଦୁଲିଙ୍କୁ ଚୟନ କରାଯାଇଛି । ୨୨ ଜଣ ସଭ୍ୟା ସଭ୍ୟ ବ୍ଲକ ସଙ୍ଗଠକ ଭାବେ ମନୋନୀତ କରାଯାଇଥିଲା । ଏହି ବୈଠକରେ ନନ୍ଦାହାଣ୍ଡି ବ୍ଲକର ଗାଁ ସାଥୀ (ମେଟ୍) ମାନେ ଯୋଗ ଦେଇଥିଲେ । ଦୀର୍ଘ ଦିନ ଧରି ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ଦାବୀ ନେଇ ସଂଘ ସଂଗ୍ରାମ ଜାରି ରଖିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଜିଲା ସଭାପତି ମହାଦେବ ମାଝୀ, ଉପସଭାପତି ହରିହର ଜାନୀ, କୋଷାଧକ୍ଷ ଲଛମନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା ସଙ୍ଗଠନ ସୁଦୃଢ ପାଇଁ ବିଜେଡିର ଯୋଜନା ମନ୍ତ୍ର

ନବରଙ୍ଗପୁର,୮।୧୦(ବି.ପ୍ର.)



ସମାବେଶରେ ଉପସ୍ଥିତ ବିଧାୟକ ମନୋହର ରନ୍ଧାରୀଙ୍କ ସହ ଅନ୍ୟମାନେ ।

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ବିଜେଡି ପକ୍ଷରୁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ଏକ ମହିଳା ସମାବେଶ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ମହିଳା ସଭାନେତ୍ରୀ ନବୀନା ନାୟକ, କାଜୁ ନିଗମ ଅଧକ୍ଷ ମୁନା ତ୍ରିପାଠୀ, ଜିଲାପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଦେବକୀ ନାୟକ, ସନ୍ୟାସୀ ସୌରା, ଜିଲାପରିଷଦ ସଭ୍ୟା ଚମ୍ପା ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକଙ୍କ ପ୍ରତିନିଧି ବାବୁଲି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକର ସଭାନେତ୍ରୀ ଯୋଗ ଦେଇଥିଲେ । ବିଜେଡି ସରକାର ସମୟରେ ମହିଳାଙ୍କ ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଅତିଥି ମାନେ ନିଜର ବକ୍ତବ୍ୟ ରଖିଥିଲେ । ମହିଳାମାନେ କିଭଳି ସଶକ୍ତୀକରଣ ହେବେ । ସେମାନଙ୍କ ଆର୍ଥିକ ଉନ୍ନତି ହେବ ସେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କାର୍ଯ୍ୟକ୍ରମ କରିଛନ୍ତି । ଯାହାର ସୁଫଳ ଉଠାଇବା ସହ ବିଜେଡିର ହାତମୁଠାକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱୟ ସହାୟକା ଗୋଷ୍ଠୀଙ୍କୁ ଆର୍ଥୀକ ସହାୟତା, ମହିଳା ଚାଷୀଙ୍କୁ ପ୍ରୋତ୍ସାହନ, ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହାୟତା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରତି ବ୍ଲକ, ପଞ୍ଚାୟତ ଓ ୱାର୍ଡ ମାନଙ୍କରେ ମହିଳାମାନେ କିଭଳି ଏକତ୍ରିତ ହେବେ ଓ ବିଜେଡି ଦଳକୁ ଅଧିକ ସୁଦୃଢ କରିବେ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ ।

# ରାଜ୍ୟ କ୍ରୀଡ଼ା ହଷ୍ଟେଲ ପାଇଁ ସାମିଆଲ ମନୋନୀତ

ପାରଳାଖେମୁଣ୍ଡି, ୮।୧୦(ସ୍ୱ.ପ୍ର.)


ସାମିଆଲ ଶବର

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଟ୍ରଷ୍ଟ ଅନ୍ତେବାସୀ ତଥା ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ସାମିଆଲ ଶବର (୧୧) ତୀରନ୍ଦାଜ୍‌ରେ ରାଜ୍ୟ କ୍ରୀଡା ହଷ୍ଟେଲ୍ ପାଇଁ ମନୋନୀତ ହୋଇଛନ୍ତି । ସାମିଆଲ ରାୟଗଡ ବ୍ଲକ ଅନ୍ତର୍ଗତ ଡୁଡୁମୁଲ୍ ଗ୍ରାମର ବାସିନ୍ଦା। ତାଙ୍କ ପାଳନପୋଷଣ ପାଇଁ ମାତା ପିତା ଅକ୍ଷମତା ପ୍ରକାଶ କରିବା ପରେ ସେ ପାରଳାଖେମୁଣ୍ଡିରେ ଗତ ଏକବର୍ଷ ତଳେ ଅସହାୟ ଅବସ୍ଥାରେ ରହୁଥିଲେ । କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ କଲ୍ୟାଣ ସମିତି ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଥିଲା । ପରେ ତାଙ୍କୁ ନବଜୀବନ ଟ୍ରଷ୍ଟରେ ରଖାଯିବା ସହ ପାଠପଢା ପାଇଁ ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଯାଇଥିଲା। ଜିଲାସ୍ତରରୁ ସେ ଚୟନ ହେବା ପରେ ଭୁବନେଶ୍ୱରରେ ନିଜ କ୍ରୀଡା ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ କ୍ରୀଡା ହଷ୍ଟେଲରେ ରହିବାକୁ ମନୋନୀତ ହୋଇଛନ୍ତି। ସେ ପିଲାବେଳେ ନିଜ ଗାଁରେ ତୀର ମାରି ଖେଳୁଥିଲେ ଏବଂ ପରେ ତାହା ଏକ ଅଭ୍ୟାସରେ ପରିଣତ ହୋଇଥିଲା ବୋଲି ସାମିଆଲ କହିଛନ୍ତି । ଗଜପତି ଜିଲାରୁ ଜଣେ ଜନଜାତି ସଂପ୍ରଦାୟର ନାବାଳକ ତଥା ଅସହାୟ ପିଲା ରାଜ୍ୟ କ୍ରୀଡା ଛାତ୍ରାବାସ ପାଇଁ ମନୋନୀତ ହେଇଥିବାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା, ନବଜୀବନ ଟ୍ରଷ୍ଟ ପାରଳାଖେମୁଣ୍ଡି ଶାଖାର ଏସ୍. ଭି. ରାମଣା ପ୍ରମୁଖ ସାମିଆଲଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୬ ସାଇକେଲ, କାଠ ଜବତ

ନବରଙ୍ଗପୁର,୮।୧୦(ବି.ପ୍ର.)

ନବରଙ୍ଗପୁର ବନାଞ୍ଚଳ ପକ୍ଷରୁ ପାଟ୍ରୋଲିଂ ସମୟରେ ୬ ସାଇକେଲ ସହ ୧୦ଟି ପିଆଶାଳ ପଟ୍ଟା, ୧୦ଟି ଶାଳ ସାଇଜ କାଠ ଓ ଅନ୍ୟାନ୍ୟ ୩୦ଟି ଖଣ୍ଡ ବିଭିନ୍ନ ସାଇଜ କାଠ ରବିବାର ରାତିରେ ଜବତ କରାଯାଇଛି । କାଠ ଚାଲାଣ କରୁଥିବା ଲୋକ ମାନେ ଫେରାର ହୋଇ ଯାଇଛନ୍ତି। ରବିବାର ରାତି ସାଢେ ୨ଟାରେ ରେଞ୍ଜର ରେଞ୍ଜର ପି. ସିଏଚ. ନନ୍ଦ, ଫରେଷ୍ଟର ଅମିତ ଦାଶ, ଲାଲୁ ବିଷୋୟୀ, ଉମାକାନ୍ତ ପାଣିଗ୍ରାହୀ, ରାଜେସ ନାୟକ, ଗାର୍ଡ ହରିହର ବେହେରା ସମେତ ପାରାସ୍କାର୍ଡ ପାଟ୍ରୋଲିଂରେ ବାହାରିଥିଲେ । ଜାମ୍ବଗୁଡା – ସିମିଳିଗୁଡା ରାସ୍ତାରେ ୬ଟି ସାଇକେଲ ସହ ଉପରୋକ୍ତ କାଠ ଜବତ କରିଥିଲେ । ଏହି ଭଳି ନିୟମିତ ବ୍ୟବଧାନରେ ଚୋରା କାଠ ଚାଲାଣ ଉପରେ ଚଢାଉ ଜାରି ରହିବ ବୋଲି ରେଂଜର କହିଛନ୍ତି।


ଜବତ ହୋଇଥିବା କାଠ ଓ ସାଇକେଲ ।

## ୪୦୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

କୋଷାଗୁମୁଡା,୮।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ୨୬ଟି ପଞ୍ଚାୟତର ୪୦୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ଭୁଜବଳ ମାଝି, ବ୍ଲକ ଅଧକ୍ଷା ଗୀତାମଣୀ ସମରଥ, ଉପାଧକ୍ଷ ପଦମ ସାଏ ମାଳୀ, ଆଦିବାସୀ ବିକାଶ ପରିଷଦ ଉପାଧକ୍ଷା ମଞ୍ଜୁଳା ମାଜି, ଏମପି ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ବଳି ପୂଜାରୀ, କାମିନୀ ହରିଜନ, ବିଡିଓ ଏ.କେ ପ୍ରଧାନ, ଯୋଗାଣ ନିରିକ୍ଷକ ଦେବେନ୍ଦ୍ର କୁମାର ପଟ୍ଟନାୟକ, ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଇଓ,ଜିଆରଏସ, ଯୋଗାଣ ସହାୟକମାନେ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ କ୍ଷତ୍ରୀୟ ସମାଜ ବୈଠକ


ବୈଠକରେ କ୍ଷତ୍ରୀୟ ସମାଜର କର୍ମକର୍ତ୍ତାମାନେ ।

ଡାବୁଗାଁ,୮।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଠାରେ ନବରଙ୍ଗପୁର ଜିଲା କ୍ଷତ୍ରିୟ ମହାସଂଘ ତରଫରୁ କ୍ଷତ୍ରିୟ ସମାଜର ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜ ଗଠନ ସହ ସମାଜର ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସଂଗଠନକୁ କିଭଳି ସୁବ୍ୟବସ୍ଥିତ ଏବଂ ଶକ୍ତିଶାଳୀ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ସମାଜର ପଞ୍ଜୀକରଣ ନିମନ୍ତେ ଆଲୋଚନା ହୋଇଥିଲା। ଏହି ବୈଠକରେ ନନ୍ଦହାଣ୍ଡି ବ୍ଲକରୁ ମଦନ ସିଂ, କୋଡିଗାଁରୁ ବଦ୍ରିନାରାୟଣ ସିଂ ଓ ଧରମ ସିଂ, ତେନ୍ତୁଳିଖୁଣ୍ଟି ବ୍ଲକରୁ ଗୋପାଳକୃଷ୍ଣ ଭଞ୍ଜ, ପୃଥ୍ୱୀରାଜ ପାଇକରାୟ ଓ ତପନ ସିଂ, ନବରଙ୍ଗପୁର ବ୍ଲକରୁ ଦେବୀ ପ୍ରସାଦ ସିଂ, ଭୁବନେଶ୍ୱର ସୁର ଓ ପୁରୁଷୋତ୍ତମ ସାମନ୍ତ, ପାପଡାହାଣ୍ଡି ବ୍ଲକରୁ ନିରଞ୍ଜନ କୁମାର ଭୁକ୍ତା ଓ ପ୍ରହଲ୍ଲାଦ ଭୁକ୍ତା,ଡାବୁଗାଁର ଦେବରାଜ ପାତ୍ର, ବିରେନ୍ଦ୍ର ସିଂଲାଲ, କୈଳାସ ସିଂଲାଲ, ଦିବ୍ୟରଞ୍ଜନ ରାୟପାତ୍ର, ଦିବାନ ସିଂ, ଜୟନ୍ତ କୁମାର ପାତ୍ର, ଯଶୋବନ୍ତ ପାତ୍ର, ଉମେଶ ପାତ୍ର ଏବଂ ବିଭିନ୍ନ ବ୍ଲକରୁ ପ୍ରାୟ ୨୦୦ ଜଣ କ୍ଷତ୍ରିୟ ସମାଜର ଲୋକମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ଲକରୁ ୩ ଜଣ ଲେଖାଏଁବ୍ୟକ୍ତିଙ୍କୁସମାଜର ବ୍ଲକ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା । ଏହି ସଂଯୋଜକ ଆଗାମୀ ଅକ୍ଟୋବର ୨୮ ତାରିଖରେ ଜିଲାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସମାଜରେ ଏ ପର୍ଯ୍ୟନ୍ତ ସାମିଲ ହୋଇ ନଥିବା ପରିବାର ଗୁଡିକୁ ସମାଜରେ ସାମିଲ କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅଭିନ କୁମାର ପାତ୍ର, ସତ୍ୟ ରଞ୍ଜନ ପାତ୍ର, ବିଶ୍ୱରଞ୍ଜନ ପାତ୍ର, ଚନ୍ଦନ ସିଂଲାଲ, ଶକ୍ତି ସିଂ, ରାହୁଲ ରାୟପାତ୍ର, ଅଂଶୁମାନ ରାୟପାତ୍ର ଏବଂ ଅନ୍ୟମାନେ ବୈଠକ ଆୟୋଜନ କରିବା ସହ ପରିଚାଳନା କରିଥିଲେ।

## ବିଦ୍ୟୁତ କାଟକୁ ନେଇ କଂଗ୍ରେସର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ଉମରକୋଟ,୮।୧୦(ଡି.ଏନ.ଏ)

ବିଦ୍ୟୁତ କାଟକୁ ନେଇ ସୋମବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଉମରକୋଟ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଉମରକୋଟ ଟାଉନ କଂଗ୍ରେସ ସଭାପତି ଟୁଲୁ ସାହୁ, ଜିଲା ଉପସଭାପତି ତପନ କୁମାର ଦେବନାଥ, ଜିଲା କଂଗ୍ରେସ ସମ୍ପାଦକ ଗୋପାଳ ପଟ୍ଟନାୟକ, ବାବୁଲା ପଟ୍ଟନାୟକ, କୁନୁ ସାନ୍ତା, ଗଜେନ୍ଦ୍ର ନାୟକ , ଅନିରୁଦ୍ଧ ନାୟକଙ୍କ ସହ ପ୍ରାୟ ୫୦ ଜଣ କଂଗ୍ରେସ କର୍ମୀ ଆସି ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂଜା ସମୟ ହୋଇଥିବାରୁ ଗାଁର ଲୋକମାନେ ଡ୍ରେସ ଏବଂ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ସନ୍ଧ୍ୟା ସମୟରେ ବଜାରକୁ ଆସିଥାନ୍ତି। ଏହି ସମୟରେ ବିଦ୍ୟୁତ କାଟ ହେବା ଦ୍ୱାରା ଚୋରି , ଲୁଟ, ପକେଟ ମାରର ଶିକାର ଲୋକମାନେ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ବିନା ନିର୍ଦ୍ଦେଶ କ୍ରମେ କିପରି ବିଦ୍ୟୁତ କାଟ କରାଯାଉଛି ବୋଲି ଇଲେକ୍ଟ୍ରି ଜୁନିୟର ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟରକୁ ଆସି ପଚାରିଥିଲେ। ଗ୍ରୀଡକୋ ନିର୍ଦ୍ଦେଶ ଦେଇଥିବାରୁ ବିଦ୍ୟୁତ କାଟ କରାଯାଉଛି ବୋଲି ସେମାନେ କହିଥିଲେ।

## ଶିକ୍ଷକ ଓ ଅଭିଭାବକ ବୈଠକ

ନବରଙ୍ଗପୁର,୮।୧୦(ବି.ପ୍ର.)

ନବରଙ୍ଗପୁର ବ୍ଲକ ଜାମ୍ବଗୁଡା ରାଜୀବଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଠାରେ ଅବିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏନେଇ ଏକ କମିଟି ଗଠନ କରାଯାଇଛି । ସଭାପତି ଭାବେ ନାରାୟଣ ପ୍ରଧାନୀ, ଉପସଭାପତି ଡମ୍ବରୁ ମାଝୀ, ସଂଯୋଜକ ସୁଚେତା ବାଘ ଓ କୋଷାଧକ୍ଷ ରମଣି ରଞ୍ଜନ ନାୟକ ମନୋନୀତ ହୋଇଛନ୍ତି। ଏସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର କର୍କରା ପରିଚାଳନା କରିଥିଲେ । ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପାସ ଫଳାଫଳ ଉତ୍ତମ ହୋଇଥିବା ନେଇ ଅବିଭାବକ ମାନେ ଖୁସି ପ୍ରକଟ କରିଥିଲେ । ବିଦ୍ୟାଳୟର ସାମୂହିକ କାର୍ଯ୍ୟ ନେଇ କମିଟି ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କମିଟି ପକ୍ଷରୁ ପ୍ରକାଶ କରିଥିଲେ ।

## ୧୪୭୬ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ

କାଶୀନଗର, ୮।୧୦(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ଗଜପତି ଜିଲା କାଶୀନଗରସ୍ଥ ବାରାଣସୀ ହାଇସ୍କୁଲ ପରିସରରେ ସୋମବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଖାଉଟି କାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଜନା ଓ ସମନ୍ୱୟ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କାଶୀନଗର ବ୍ଲକର ୧୨୬୦ ଏବଂ ଏନ୍ଏସିର ୨୧୬ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଜିଲାପାଳ ଅନୁପମ ଶାହା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିରେନ୍ଦ୍ର କର୍କରା, କାଶୀନଗର ବ୍ଲକ ଅଧକ୍ଷ ଚିତ୍ରି ସୀମାଦ୍ରୀ, ବିଡିଓ ସୁଧୀର କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲୁଡଙ୍ଗରିରେ କଂଗ୍ରେସର ସମାବେଶ

ନବରଙ୍ଗପୁର,୮।୧୦(ବି.ପ୍ର)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଦା ଭାଲୁ ଡଙ୍ଗରି ଠାରେ କଂଗ୍ରେସ ଏକ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ କଂଗ୍ରେସ ସମ୍ପାଦକ ମହେଶ୍ୱର ଦାଶ ଅଧକ୍ଷତା କରିଥିଲେ । ଉକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ପରେ ଉକ୍ତ ସ୍ଥାନରେ କଂଗ୍ରେସର ବୈଠକ ହୋଇଥିଲା । ଏଥିରେ ଜିଲା ସଭାପତି ମୁନା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝରିଗାଁ ନିର୍ବାଚନ ମଣ୍ଡଳିକୁ ଏଥର କଂଗ୍ରେସ କବଜା କରିବ ବୋଲି କହିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ପିସିସି ସମ୍ପାଦକ ଖେମରାଜ ବାଘ, ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତ୍ରା, ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସଭାପତି ତାଜ ଇମ୍ରାନ ସାରିଫ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିନୋଦ ତ୍ରିପାଠୀ, ଅବଦୁଲ ଫିରୋଜ, ଜଗଦୀଶ ବାଘ, କେଶବ ସୁନା, ମହୋନ ନାଗ ଯୋଗ ଦେଇଥିଲେ ।


ସମାବେଶରେ କଂଗ୍ରେସ ନେତା ଓ କର୍ମୀମାନେ ।

## ■ମା’ ଜଗତ ଜନନୀ କବାଡି ପ୍ରତିଯୋଗିତା ଉଦଯାପିତ

# ଭୀମାଗୁଡା ଦଳ ଚାମ୍ପିୟନ

ଧୋଡ୍ରା,୮।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାନାକୋଟ ପଞ୍ଚାୟତ କେନ୍ଦୁଗୁଡାରେ ଚାଲିଥିବା ମା’ ଜଗତଜନନୀ କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେନ୍ଦୁଗୁଡା ଦଳକୁ ପରାସ୍ତ କରି ଭୀମାଗୁଡା ଦଳ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ ଯୋଗ ଦେଇ ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ଏବଂ ଟ୍ରଫି ଓ ରନର୍ସ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କାନାକୋଟ ସମିତି ସଭ୍ୟା ରାଇମତୀ ଗୌଡ ଯୋଗ ଦେଇଥିଲେ।


କବାଡି ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ ।

ଶନିବାର ଏହି ପ୍ରତିଯୋଗିତା ଉଦଘାଟିତ ହୋଇଥିଲା। ଏଥିରେ ସରପଞ୍ଚ ଜଗ ଭତ୍ରା, ସମିତି ସଭ୍ୟା ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ଲଚିମ ଧର ଗୌଡ, ଅମଳ ଗଣ୍ଡ, ନିଳମ ଗୌଡ, ବିଶନାଥ ଗୌଡ, ଠାକୁରାମ ଗୌଡ, ପରମ ଗଣ୍ଡ ପ୍ରମୁଖ ପରିଚାଳନା କରିଥିଲେ ।କମଳ ଚନ୍ଦ୍ର ସାନ୍ତା ଓ ପଦ୍ମନ ସାନ୍ତା ରେଫେରି ଦାୟିତ୍ୱ ତୁଲାଇଥିଲେ।

